# REGIONAL NEWS UNIT, AIR CUTTACK

## Mid-day Bulletin (2.32PM)

### 8 April - 2025

**********************************

## ମୁଖ୍ୟ ସମ୍ବାଦ

- ରାଜ୍ୟକୁ ଶିଳ୍ପ ସମୃଦ୍ଧ କରିବା ଉଦ୍ଦେଶ୍ୟରେ ନୂଆଦିଲ୍ଲୀରେ ରାଜ୍ୟ ସରକାର ଏବଂ ଭାରତୀୟ ତୈଳ ନିଗମ ମଧ୍ୟରେ ବୁଝାମଣାପତ୍ର ସ୍ୱାକ୍ଷରିତ
- ପ୍ରଧାନମନ୍ତ୍ରୀ ମୁଦ୍ରା ଯୋଜନାକୁ ପୂରଣ ହେଲା ୧୦ ବର୍ଷ

– ଯୋଜନାରେ ଲାଭବାନ ହୋଇଛନ୍ତି ୭୦ ପ୍ରତିଶତରୁ ଅଧିକ ମହିଳା ଉଦ୍ୟୋଗୀ

- ଆସନ୍ତା ମେ' ମାସ ଦ୍ୱିତୀୟ ସପ୍ତାହରେ ପ୍ରକାଶ ପାଇବ ଚଳିତ ବର୍ଷର ମାଟ୍ରିକ ପରୀକ୍ଷାଫଳ

ଏବଂ

- ଓଡ଼ିଆ ପକ୍ଷର ଆଜି ଅଷ୍ଟମ ଦିନରେ ବିଭିନ୍ନ ସ୍ଥାନରେ ରକ୍ତଦାନ ଶିବିର ଆୟୋଜିତ

*BBSR/R*

# ମୁଖ୍ୟମନ୍ତ୍ରୀଙ୍କ ଦିଲ୍ଲୀ ଗସ୍ତ

ଓଡ଼ିଶାକୁ ଶିଳ୍ପ ସମୃଦ୍ଧ କରିବା ଉଦ୍ଦେଶ୍ୟରେ ଆଜି ନୂଆଦିଲ୍ଲୀରେ ରାଜ୍ୟ ସରକାର ଏବଂ ଭାରତୀୟ ତୈଳ ନିଗମ ମଧ୍ୟରେ ବୁଝାମଣାପତ୍ର ସ୍ୱାକ୍ଷରିତ ହୋଇଛି। ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଏବଂ କେନ୍ଦ୍ର ପେଟ୍ରୋଲିୟମ୍ ଓ ପ୍ରାକୃତିକ ଗ୍ୟାସ ମନ୍ତ୍ରୀ ହରଦୀପ ସିଂ ପୁରୀ'ଙ୍କ ଉପସ୍ଥିତିରେ ୬୧ ହଜାର ୭୭ କୋଟି ଟଙ୍କା ବ୍ୟୟ ଅଟକଳରେ ରୂପାନ୍ତରିତ ପାରାଦ୍ୱୀପ ପେଟ୍ରୋ କେମିକାଲ୍ସ ପ୍ରକଳ୍ପ ପାଇଁ ଏହି ବୁଝାମଣାପତ୍ର ସ୍ୱାକ୍ଷରିତ ହୋଇଥିବା ଜଣାପଡ଼ିଛି। ମୁଖ୍ୟମନ୍ତ୍ରୀ ଏହି ଅବସରରେ ରାଜ୍ୟରେ ଶିଳ୍ପ ପ୍ରଗତିକୁ ତ୍ୱରାନ୍ୱିତ କରିବା ଲାଗି ସରକାର ନିରନ୍ତର ଉଦ୍ୟମ କରୁଥିବା କହିଛନ୍ତି।

**- V/O -**

ଏହି ଅବସରରେ କେନ୍ଦ୍ରମନ୍ତ୍ରୀ ହରଦୀପ ସିଂ ପୁରୀ କହିଛନ୍ତି, ଭାରତ ଆଗାମୀ ଦିନରେ ପ୍ରମୁଖ ବିଶୋଧନାଗାର ହବ୍‌ରେ ପରିଣତ ହେବ ଏବଂ ଓଡ଼ିଶା ଏଥିରେ ପ୍ରମୁଖ ଭୂମିକା ଗ୍ରହଣ କରିବ। ରାଜ୍ୟର ରପ୍ତାନୀ ଅଭିବୃଦ୍ଧିକୁ ଦୃଷ୍ଟିରେ ରଖି ନିବେଶକମାନେ ଏହାର ସୁଯୋଗ ନେବାକୁ ମନ୍ତ୍ରୀ ଶ୍ରୀ ପୁରୀ ଆହ୍ୱାନ ଦେଇଛନ୍ତି।

ଇଣ୍ଡିଆନ ଅଏଲ୍‌ର ଅଧ୍ୟକ୍ଷ ଏ.ଏସ୍. ସାହାନୀ କହିଛନ୍ତି, ବିଶ୍ୱର ରାସାୟନିକ ଏବଂ ପେଟ୍ରୋ କେମିକାଲ୍ସ ବିଶୋଧନାଗାର ହବ୍ ମଧ୍ୟରେ ଓଡ଼ିଶା ଆଗାମୀ ଦିନରେ ଶକ୍ତିଶାଳୀ ପ୍ରତିଦ୍ୱନ୍ଦ୍ୱୀ ଭାବେ ଉଭା ହେବ।

ବୁଝାମଣାପତ୍ର ସ୍ୱାକ୍ଷର ବୈଠକରେ ଅତିରିକ୍ତ ମୁଖ୍ୟ ଶାସନ ସଚିବ ହେମନ୍ତ ଶର୍ମା ରାଜ୍ୟର ବିଶ୍ୱସ୍ତରୀୟ ଭିତ୍ତିଭୂମି ଏବଂ ପ୍ରାକୃତିକ ସମ୍ବଳ ସମ୍ପର୍କରେ ସୂଚନା ଦେଇଥିବାବେଳେ ମୁଖ୍ୟ ଶାସନ ସଚିବ ମନୋଜ ଆହୁଜା ଶିଳ୍ପ ବିକାଶ କ୍ଷେତ୍ରରେ ଓଡ଼ିଶାର ପ୍ରତିବଦ୍ଧତାକୁ ଦୋହରାଇଥିଲେ। ଏହି କାର୍ଯ୍ୟକ୍ରମରେ ଶିଳ୍ପମନ୍ତ୍ରୀ ସମ୍ପଦ ଚନ୍ଦ୍ର ସ୍ୱାଇଁ ଉପସ୍ଥିତ ଥିଲେ।

***PIB***

# ମୁଦ୍ରାଲୋନ୍

ପ୍ରଧାନମନ୍ତ୍ରୀ ମୁଦ୍ରା ଯୋଜନାକୁ ଆଜି ୧୦ବର୍ଷ ପୂରଣ ହୋଇଛି । ଆଜି ସୁଦ୍ଧା ଏହି ଯୋଜନାରେ ୩୩ ଲକ୍ଷ କୋଟିରୁ ଅଧିକ ଟଙ୍କାର ୫୨ କୋଟି ଋଣ ପ୍ରଦାନ କରାଯାଇଛି। ୨୦୧୫ ମସିହା ଏପ୍ରିଲ ୮ ତାରିଖରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ମୁଦ୍ରା ଯୋଜନାର ଶୁଭାରମ୍ଭ କରିଥିଲେ । ଏଥିରେ ଅଣୁ, କ୍ଷୁଦ୍ର ଏବଂ ଅନ୍ୟ ଶିଳ୍ପଗୁଡ଼ିକୁ ବିନା ବନ୍ଧକରେ ୧୦ଲକ୍ଷ ଟଙ୍କା ପର୍ଯ୍ୟନ୍ତ ଋଣ ଯୋଗାଇ ଦେବାର ବ୍ୟବସ୍ଥା କରାଯାଇଛି। ସଂପୃକ୍ତ ଯୋଜନାରେ ଉଦ୍ୟୋଗୀମାନଙ୍କୁ ସଶକ୍ତ କରିବା ଏବଂ ଅର୍ଥନୈତିକ କାର୍ଯ୍ୟକଳାପରେ ସାମିଲ କରିବା ଉଦ୍ଦେଶ୍ୟରେ ଋଣ ଦିଆଯାଇଥାଏ । ଯୋଜନାରେ ଅନେକଗୁଡ଼ିଏ ବର୍ଗ ପାଇଁ ଋଣ ବ୍ୟବସ୍ଥା ରହିଛି। ଏଥିରେ

ଶିଶୁବର୍ଗ ବାବଦରେ ସର୍ବାଧିକ ୫୦ ହଜାର ଟଙ୍କା ଋଣ ଦିଆଯାଉଥିବା ବେଳେ କିଶୋର ବର୍ଗରେ ୫୦ ହଜାରରୁ ୫ଲକ୍ଷ, ତରୁଣବର୍ଗରେ ୫ ଲକ୍ଷରୁ ୧୦ ଲକ୍ଷ ଏବଂ ତରୁଣ ପ୍ଲସ୍ ବର୍ଗରେ ୧୦ଲକ୍ଷରୁ ୨୦ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ଋଣ ପ୍ରଦାନ ପାଇଁ ବ୍ୟବସ୍ଥା ରହିଛି । ସୂଚନା ଅନୁଯାୟୀ, ମୁଦ୍ରା ଋଣ ନେଇଥିବା ଗ୍ରାହକଙ୍କ ମଧ୍ୟରେ ୭୦ ପ୍ରତିଶତରୁ ଅଧିକ ମହିଳା ଉଦ୍ୟୋଗୀ ଅଛନ୍ତି । ୫୦ ପ୍ରତିଶତରୁ ଅଧିକ ମୁଦ୍ରାଋଣ ଅନୁସୂଚିତ ଜାତି, ଜନଜାତି ଓ ପଛୁଆବର୍ଗ ଉଦ୍ୟୋଗୀଙ୍କୁ ପ୍ରଦାନ କରାଯାଇଛି । ୨୦୧୫-୧୬ ଆର୍ଥିକ ବର୍ଷରେ ଏହି ଯୋଜନାରେ ୩୪ କୋଟିରୁ ଅଧିକ ହିତାଧିକାରୀଙ୍କୁ ୧୩ ଲକ୍ଷ କୋଟିରୁ ଅଧିକ ଟଙ୍କା ଋଣ ପ୍ରଦାନ କରାଯାଇଥିବା ବେଳେ ୨୦୨୪-୨୫ ଆର୍ଥିକ ବର୍ଷ ସୁଦ୍ଧା ଋଣ ଗ୍ରହିତାଙ୍କ ସଂଖ୍ୟା ୪୭ କୋଟି ଅତିକ୍ରମ କରିଛି ।

***BHK***

## ସମୀକ୍ଷା ବୈଠକ

ରାଜସ୍ୱ ବିଭାଗରେ ସଂସ୍କାର ତଥା କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ବିଭିନ୍ନ ଜନକଲ୍ୟାଣକାରୀ ଯୋଜନା ଗୁଡ଼ିକୁ ଲୋକଙ୍କ ନିକଟରେ ପହଁଞ୍ଚାଇବା ଉପରେ ରାଜସ୍ୱ ମନ୍ତ୍ରୀ ସୁରେଶ ପୂଜାରୀ ଗୁରୁତ୍ୱାରୋପ କରିଛନ୍ତି । ଆଜି ଶ୍ରୀ ପୂଜାରୀଙ୍କ ଅଧ୍ୟକ୍ଷତାରେ ଭଦ୍ରକ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟରେ ଅନୁଷ୍ଠିତ ସମୀକ୍ଷା ବୈଠକରେ ବିଭିନ୍ନ ଉନ୍ନୟନମୂଳକ ପ୍ରକଳ୍ପର ଅଗ୍ରଗତି ସମ୍ପର୍କରେ ଆଲୋଚନା ହୋଇଥିଲା । ଏଥିରେ ଧାମରା ବନ୍ଦର ଶିଳ୍ପର ଅଗ୍ରଗତି ଓ ଗରିବ କଲ୍ୟାଣ ଯୋଜନାରେ ପ୍ରତ୍ୟେକ ଲୋକଙ୍କୁ ୪ ଡିସ୍‌ମିଲ୍ ଜମିପଟ୍ଟା

ପ୍ରଦାନ କରିବା ନେଇ ମନ୍ତ୍ରୀ ଶ୍ରୀ ପୂଜାରୀ ବିଭାଗୀୟ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ। ସମୀକ୍ଷା ବୈଠକରେ ଉଚ୍ଚଶିକ୍ଷା ମନ୍ତ୍ରୀ ସୂର୍ଯ୍ୟବଂଶୀ ସୁରଜ, ବିଧାୟକ ସୀତାଂଶୁ ଶେଖର ମହାପାତ୍ର, ଜିଲ୍ଲାପାଳ ପ୍ରମୁଖ ଯୋଗ ଦେଇଥିଲେ।

***Desk***

# ପୂର୍ବତଟ ରେଳପଥ

୨୦୨୪-୨୫ ଆର୍ଥିକ ବର୍ଷରେ ଭିତ୍ତିଭୂମି ବିକାଶ କ୍ଷେତ୍ରରେ ପୂର୍ବତଟ ରେଳପଥ ରେକର୍ଡ କରିଛି । ଏହି ସମୟ ମଧ୍ୟରେ ପୂର୍ବତଟ ରେଳପଥ ୨୮୧ କିଲୋମିଟରରୁ ଅଧିକ ନୂତନ ରେଳ ଲାଇନ ଏବଂ ମଲ୍‌ଟି ଟ୍ରାକିଙ୍ଗ୍ ସଂଯୋଗ ସଫଳତାର ସହ ଶେଷ କରିଛି। ପୂର୍ବ ଆର୍ଥିକ ବର୍ଷ ତୁଳନାରେ ୫୦ ପ୍ରତିଶତ ଅଧିକ ରହିଛି। ପ୍ରକଳ୍ପଗୁଡ଼ିକ ମଧରେ କୋରାପୁଟ-ସିଙ୍ଗାପୁର ରୋଡ୍ ଦୋହରୀକରଣ, ଢ଼େଙ୍କାନାଳ-ସଦାଶିବପୁର-ହିନ୍ଦୋଳ ରୋଡ୍ ରେଳ ଲାଇନ୍‌ର ଭିତ୍ତିଭୂମି ନିର୍ମାଣ, ବାଇଗୁଡ଼ା–କାକିରିଗୁମା ଓ ଜରପଡ଼ା-ବୁଢ଼ାପଙ୍କ ତୃତୀୟ ଏବଂ ଚତୁର୍ଥ ଲାଇନ୍ ପ୍ରକଳ୍ପର ତାଳଚେର–ତାଳଚେର ରୋଡ୍ ରେଳମାର୍ଗ ନିର୍ମାଣ କାର୍ଯ୍ୟ ଶେଷ ହୋଇଛି। ପୂର୍ବତଟ ରେଳପଥର ନିର୍ମାଣ ଓ ଆଧୁନିକୀକରଣ ଫଳରେ ବାଣିଜ୍ୟ ଏବଂ ଶିଳ୍ପ କ୍ଷେତ୍ରରେ ନୂତନ ସୁଯୋଗ ସୃଷ୍ଟି ସହ ଲକ୍ଷ ଲକ୍ଷ ଯାତ୍ରୀ ଓ ବ୍ୟବସାୟୀ ଲାଭବାନ ହୋଇପାରୁଛନ୍ତି। ନୂତନ ରେଳ ଲାଇନ୍ ଓ ବହୁମୁଖୀ ପ୍ରକଳ୍ପ ନିର୍ମାଣ ସହ ଯାତ୍ରୀଙ୍କ ସୁରକ୍ଷା, ସ୍ଥାୟିତ୍ୱତା କ୍ଷେତ୍ରରେ ପୂର୍ବତଟ ରେଳପଥ ସୂଚାରୁଭାବେ କାର୍ଯ୍ୟ ପରିଚାଳନା କରିଆସୁଛି।

*BHK/Degogarh/N.rangpur/N.gada/Sonepur/K.dhamal*

# ରକ୍ତଦାନ ଦିବସ

ଓଡ଼ିଆ ପକ୍ଷ ୨୦୨୫ର ଅଷ୍ଟମ ଦିନରେ ଆଜି ରକ୍ତଦାନ ଦିବସ ପାଳନ କରାଯାଉଛି । ଏହି ଉପଲକ୍ଷେ ଜିଲ୍ଲା ସଦର ମହକୁମାରେ ଥିବା ମହାବିଦ୍ୟାଳୟ ଏବଂ ସମସ୍ତ ଜିଲ୍ଲା ମୁଖ୍ୟଚିକିତ୍ସାଳୟ ଓ ଏହା ଅଧୀନରେ ଥିବା ରକ୍ତଭଣ୍ଡାର ଗୁଡ଼ିକରେ ରକ୍ତଦାନ ଶିବିର ଆୟୋଜିତ ହେଉଛି । ସୂଚନା ଅନୁଯାୟୀ, ସ୍ୱେଚ୍ଛାକୃତ ରକ୍ତଦାନ ଭଳି  ମହତ କାର୍ଯ୍ୟ ଲାଗି ଲୋକମାନଙ୍କୁ ସଚେତନ କରିବା ଉଦ୍ଦେଶ୍ୟରେ ରକ୍ତଦାନ ଦିବସ ପାଳନ କରାଯାଉଛି ।

ଏହି ଅବସରରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ସ୍ୱେଚ୍ଛାକୃତ ରକ୍ତଦାନ କରି ରାଜ୍ୟରେ ରକ୍ତଦାନ ଆନ୍ଦୋଳନକୁ ସଫଳ କରିବା ପାଇଁ ଆହ୍ୱାନ ଦେଇଛନ୍ତି ।

କନ୍ଧମାଳ ଜିଲ୍ଲା ଫୁଲବାଣୀଠାରେ ଗୃହ ନିର୍ମାଣ ଓ ନଗର  ଉନ୍ନୟନ ମନ୍ତ୍ରୀ କୃଷ୍ଣଚନ୍ଦ୍ର ମହାପାତ୍ର ରକ୍ତଦାନ ଅଭିଯାନର ଶୁଭାରମ୍ଭ କରିଛନ୍ତି। ସ୍ୱେଚ୍ଛାକୃତ ରକ୍ତଦାତାଙ୍କଠାରୁ ରକ୍ତସଂଗ୍ରହ କରାଯାଇଛି।

ନୟାଗଡ଼ ଜିଲ୍ଲା ରେଡକ୍ରସ ସ୍ୱେଚ୍ଛାସେବୀ ଫୋରମ୍ ଦ୍ୱାରା ଆୟୋଜିତ ରକ୍ତଦାନ ଶିବିରରେ ଜିଲ୍ଲା ମୁଖ୍ୟ ଚିକିତ୍ସା ଅଧିକାରୀ ଡାକ୍ତର ସୁଶାନ୍ତ ଦାସ, ସମାଜସେବୀ ଓ ବହୁ ଚିକିତ୍ସା ଅଧିକାରୀ ଉପସ୍ଥିତ ଥିଲେ।

ସୁବର୍ଣ୍ଣପୁର ଜିଲ୍ଲା ମୁଖ୍ୟ ଡାକ୍ତରଖାନାରେ ମେଗା ରକ୍ତଦାନ ଶିବିରରେ ୫୦ ୟୁନିଟ୍‌ରୁ ଅଧିକ ରକ୍ତ ସଂଗ୍ରହ କରାଯାଇଛି। ଜିଲ୍ଲା ମୁଖ୍ୟ ଚିକିତ୍ସା ଅଧିକାରୀ ଓ ଅତିରିକ୍ତ ଜିଲ୍ଲାପାଳ ଶିବିରକୁ ଉଦ୍‌ଘାଟନ କରି ଯୁବବର୍ଗଙ୍କୁ ରକ୍ତଦାନ କରିବାକୁ ଉତ୍ସାହିତ କରିଥିଲେ।

ସେହିପରି ନବରଙ୍ଗପୁର ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ଓ ରାଇଘର ବ୍ଲକରେ ରକ୍ତଦାନ ଶିବିର ଆୟୋଜିତ ହୋଇଯାଇଛି। ଏହି ଶିବିର ଜରିଆରେ ସଂଗୃହୀତ ରକ୍ତ' ରୋଗୀଙ୍କ ଆବଶ୍ୟକତା ପୂରଣ ଦିଗରେ ସହାୟକ ହେବ ବୋଲି ଜିଲ୍ଲା ମୁଖ୍ୟ ଚିକିତ୍ସା ଅଧିକାରୀ ଡାକ୍ତର ସନ୍ତୋଷ କୁମାର ପଣ୍ଡା କହିଥିଲେ।

ଭଦ୍ରକ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ରକ୍ତଦାନ ଅଭିଯାନକୁ ଜିଲ୍ଲାପାଳ ଦିଲ୍ଲୀପ ରାଉତରାୟ ଶୁଭାରମ୍ଭ କରି ସ୍ୱେଚ୍ଛାକୃତ ରକ୍ତଦାନ ପାଇଁ ଆସିଥିବା ବ୍ୟକ୍ତିମାନଙ୍କୁ ଧନ୍ୟବାଦ ଜଣାଇଥିଲେ।

ଦେବଗଡ଼ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟର ରକ୍ତଭଣ୍ଡାରରେ ଆୟୋଜିତ ରକ୍ତଦାନ ଶିବିରରେ ୨୫ ଜଣଙ୍କଠାରୁ ରକ୍ତସଂଗ୍ରହ କରାଯାଇଥିଲା।

***Desk***

## ମାଟ୍ରିକ ପରୀକ୍ଷା ରେଜଲ୍ଟ

ରାଜ୍ୟ ମାଧ୍ୟମିକ ଶିକ୍ଷା ପରିଷଦ ଦ୍ୱାରା ପରିଚାଳିତ ଚଳିତ ବର୍ଷର ମାଟ୍ରିକ ପରୀକ୍ଷା ଫଳ ଆସନ୍ତା ମେ' ମାସ ଦ୍ୱିତୀୟ ସପ୍ତାହରେ ପ୍ରକାଶ

ପାଇବ। ପରିଷଦର ସଭାପତି ଶ୍ରୀକାନ୍ତ ତରାଇ ଏ ସମ୍ପର୍କରେ ସୂଚନା ଦେଇଛନ୍ତି...

**- V/O -**

ବିଜ୍ଞାନ ପ୍ରଶ୍ନପତ୍ରରେ ଚାରି ମାର୍କ କମ୍ ନେଇ କୌଣସି ସମସ୍ୟା ହେବ ନାହିଁ ଏବଂ ଗ୍ରେସ୍ ମାର୍କ ସମ୍ପର୍କରେ ପରିଚାଳନା କମିଟି ନିଷ୍ପତ୍ତି ନେବ ବୋଲି ଶ୍ରୀ ତରାଇ କହିଛନ୍ତି। ସୂଚନାଯୋଗ୍ୟ, ଗତ ମାସ ୧୯ ତାରିଖରେ ୩୦ଟି ଜିଲ୍ଲାର ୩ ହଜାର ୧୩୩ ପରୀକ୍ଷା କେନ୍ଦ୍ରରେ ୩୧୪ଟି ନୋଡାଲ ସେଣ୍ଟରର ପରୀକ୍ଷା ଖାତା ମୂଲ୍ୟାୟନ କରାଯାଇଥିଲା। ଚଳିତ ବର୍ଷ ମୋଟ୍ ୫ ଲକ୍ଷ ୧୦ ହଜାର ୭୭୮ ଛାତ୍ରଛାତ୍ରୀ ମାଟ୍ରିକ ପରୀକ୍ଷା ଦେଇଛନ୍ତି।

***Nuapda/Rayagada***

## ବରିଷ୍ଠ ତୀର୍ଥଯାତ୍ରୀ

ବରିଷ୍ଠ ନାଗରିକ ତୀର୍ଥଯାତ୍ରା ଯୋଜନାରେ ଦକ୍ଷିଣ ପଶ୍ଚିମାଞ୍ଚଳ ୬ଟି ଜିଲ୍ଲାର ବରିଷ୍ଠ ନାଗରିକ ଏକ ସ୍ୱତନ୍ତ୍ର ଟ୍ରେନ୍ ଯୋଗେ ଅଯୋଧ୍ୟା-ବାରଣାସୀ ଅଭିମୁଖେ ତୀର୍ଥଯାତ୍ରା ଆରମ୍ଭ କରିଛନ୍ତି। ରାଜ୍ୟ ପର୍ଯ୍ୟଟନ ବିଭାଗ ଓ ରାୟଗଡ଼ା ଜିଲ୍ଲା ପ୍ରଶାସନର ମିଳିତ ଆନୁକୂଲ୍ୟରେ ୭୭୫ ଜଣ ତୀର୍ଥଯାତ୍ରୀ ଏହି ଯାତ୍ରାରେ ଯାଇଛନ୍ତି। ରାୟଗଡ଼ା ବିଧାୟକ ଆପଲୁ ସ୍ୱାମୀ କାଡ୍ରାକା ମୁଖ୍ୟ ଅତିଥିଭାବେ ଯୋଗଦେଇ ତୀର୍ଥଯାତ୍ରୀମାନେ ଯାଉଥିବା ସ୍ୱତନ୍ତ୍ର ଟ୍ରେନ୍‌କୁ ପତାକା ଦେଖାଇ ଶୁଭାରମ୍ଭ କରିଥିଲେ।

*Nayagada*

## ବିଶୁଦ୍ଧ ପାନୀୟ ଜଳ ପ୍ରକଳ୍ପ

ନୟାଗଡ଼ ଜିଲ୍ଲା ଦଶପଲ୍ଲା ବ୍ଲକ ବାଇଝରୀ ଗ୍ରାମରେ ବିଶୁଦ୍ଧ ପାନୀୟ ଜଳ ପ୍ରକଳ୍ପକୁ ଜିଲ୍ଲାପାଳ ଅକ୍ଷୟ ସୁନୀଲ ଅଗ୍ରୱାଲ ଉଦ୍‌ଘାଟନ କରିଛନ୍ତି। ଏହି ପ୍ରକଳ୍ପ ଦ୍ୱାରା ନଳକୂପର ଫ୍ଲୋରାଇଡ୍ ଆଇରନଯୁକ୍ତ ପାଣିକୁ ବିଶୁଦ୍ଧ କରାଯାଇପାରିବ ବୋଲି ବନଖଣ୍ଡ ଅଧିକାରୀ କ୍ଷମା ଷଡ଼ଙ୍ଗୀ କହିଛନ୍ତି। ଜନସାଧାରଣଙ୍କ ସ୍ୱାସ୍ଥ୍ୟର ସୁରକ୍ଷା ଦିଗରେ ଏହା ସଫଳ ସାବ୍ୟସ୍ତ ହେବ ବୋଲି ଅତିଥିମାନେ ମତବ୍ୟକ୍ତ କରିଛନ୍ତି।

*Gajapati*

## କଳିକା

ଗଜପତି ଜିଲ୍ଲା ପାରଳାଖେମୁଣ୍ଡି ଜିଲ୍ଲାପାଳଙ୍କ କାର୍ଯ୍ୟାଳୟରେ ଶିଶୁମାନଙ୍କ ଯତ୍ନ ଓ ସୁରକ୍ଷା ପାଇଁ ଉଦ୍ଦିଷ୍ଟ 'କଳିକା'କୁ ଜିଲ୍ଲାପାଳ ବିଜୟ କୁମାର ଦାସ ଉଦ୍‌ଘାଟନ କରିଛନ୍ତି। ସରକାରୀ କାର୍ଯ୍ୟ କ୍ଷେତ୍ରରେ ମହିଳାମାନଙ୍କୁ ସହାୟତା ପ୍ରଦାନ ଓ ଶିଶୁମାନଙ୍କ ଯତ୍ନ ଏବଂ ସୁରକ୍ଷା ନିମନ୍ତେ ଏହାର ପ୍ରତିଷ୍ଠା କରାଯାଇଛି। ଏଥିରେ ଶିଶୁମାନଙ୍କ ପାଇଁ ବିଭିନ୍ନ ଖେଳଣା, ଖାଦ୍ୟ, ଗରମ ପାନୀୟଜଳ, ସ୍ତନ୍ୟପାନ୍ୟ ନିମନ୍ତେ ସ୍ୱତନ୍ତ୍ର କକ୍ଷ ସହ ବିଶ୍ରାମ ଗୃହର ବ୍ୟବସ୍ଥା ରହିଛି।

***Desk***

# ହକି

ଭୁବନେଶ୍ୱର କଳିଙ୍ଗ ଷ୍ଟାଡିୟମରେ ଆରମ୍ଭ ହୋଇଥିବା ୭୩ ତମ ସର୍ବଭାରତୀୟ ପୋଲିସ୍ ହକି ପ୍ରତିଯୋଗିତାର ଆଜି ଦ୍ୱିତୀୟ ଦିବସ। ଅପରାହ୍ନ ୪ଟା ସମୟରେ ମହିଳା ବର୍ଗରେ ତାମିଲନାଡୁ ଓ ଉତ୍ତରପ୍ରଦେଶ ପୁଲିସ ମଧ୍ୟରେ ମ୍ୟାଚ୍ ଖେଳାଯିବ।

ସେହିପରି ପୁରୁଷ ବର୍ଗରେ ପ୍ରଥମ ପର୍ଯ୍ୟାୟ ମ୍ୟାଚ୍ ସନ୍ଧ୍ୟା ୬ଟାରେ ପଞ୍ଜାବ–ମଧ୍ୟପ୍ରଦେଶ ଓ ଦ୍ୱିତୀୟ ମ୍ୟାଚ୍ ୭ଟା ୩୦ ସମୟରେ ଏସ୍.ଏସ୍.ବି. ଏବଂ ହରିୟାଣା ପୁଲିସ ମଧ୍ୟରେ ଅନୁଷ୍ଠିତ ହେବ।

*********************************